# NATIONAL NEWS BULLETIN (ODIA)

## 30 November - 2024

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରରେ  ଆଜି ସର୍ବଭାରତୀୟ ପୋଲିସ୍ ଡିଜିପି ଓ ଆଇଜି ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ
- ଦେଶରେ  ପ୍ରାୟ ୧୪ ଲକ୍ଷ ବୟୋ ବନ୍ଦନ କାର୍ଡ  ପ୍ରଦାନ କରାଯାଇଛି, ସୂଚନା ଦେଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ
- ଉଦ୍ୟାନ କୃଷି ପାଇଁ କେନ୍ଦ୍ର ସରକାର ଏବଂ ଏସୀୟ ଉନ୍ନୟନ ବ୍ୟାଙ୍କ ମଧ୍ୟରେ ଋଣ ରାଜିନାମା ସ୍ୱାକ୍ଷରିତ
- ସାମୁଦ୍ରିକ ଝଡ଼ ଫେଞ୍ଜାଲ ଆଜି ଅପରାହ୍ନରେ ପୁଡୁଚେରୀ ନିକଟସ୍ଥ କରେଇକାଲ ଏବଂ ମହାବଳୀପୁରମ୍ ନିକଟରେ ସ୍ଥଳଭାଗ ଛୁଇଁବ

ଏବଂ

- ସୟଦ ମୋଦୀ ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ।

## ପିଏମ୍-ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏବଂ ଆସନ୍ତାକାଲି ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକ ଓ ପୋଲିସ୍ ମହାନିରୀକ୍ଷକ ସମ୍ମିଳନୀରେ ଯୋଗଦେବେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ୩ ଦିନିଆ ସମ୍ମିଳନୀକୁ ଗତକାଲି ଉଦଘାଟନ କରିଛନ୍ତି । ଜାତୀୟ ନିରାପତ୍ତା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଏଥିରେ ଆଲୋଚନା ହେବ । ଏହି ବୈଠକରେ ଆତଙ୍କବାଦ ମୁକାବିଲା, ବାମପନ୍ଥୀ ଉଗ୍ରବାଦ, ଉପକୂଳ ସୁରକ୍ଷା, ନୂତନ ଅପରାଧିକ ଆଇନ ଏବଂ ନିଶାଦ୍ରବ୍ୟ କାରବାର ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଦେଶର ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ମଧ୍ୟରେ ମତ ବିନିମୟ ହେବ । ଏହି ସମ୍ମିଳନୀରେ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ୍ ପଦକ ମଧ୍ୟ ପ୍ରଦାନ କରାଯିବ । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ସମ୍ମିଳନୀରେ ଯୋଗ ଦେଉଛନ୍ତି ।

୩ ଦିନିଆ ଓଡ଼ିଶା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତ ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଥିଲେ । ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ନିକଟରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିବା ସହ ରାଜଭବନକୁ ଗସ୍ତ କରିଥିଲେ । ଏହା ପରେ ବିଜେପି ରାଜ୍ୟ ମୁଖ୍ୟାଳୟଠାରେ ଶ୍ରୀ ମୋଦୀ ଦଳର ସାଂସଦ, ବିଧାୟକ ଓ ରାଜ୍ୟସ୍ତରୀୟ

ବରିଷ୍ଠ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ତୃଣମୂଳ ସ୍ତରରେ ଦଳର ସ୍ଥିତିକୁ ସୁଦୃଢ଼ କରିବା ସହ ଜନକୈନ୍ଦ୍ରିକ ଶାସନ ଆଭିମୁଖ୍ୟ ବଜାୟ ରଖିବା ଉପରେ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

## ଲୋକସଭା-ଆୟୁଷ୍ମାନ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଅଧୀନରେ ଗତ ୨୫ ତାରିଖ ସୁଦ୍ଧା ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରାୟ ୧୪ଲକ୍ଷ ଆୟୁଷ୍ମାନ ବୟୋ ବନ୍ଦନ କାର୍ଡ ଜାରି କରାଯାଇଛି । ଲୋକସଭାରେ ଗତକାଲି ଏ ସଂପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ସାମାଜିକ ଏବଂ ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ୭୦ ବର୍ଷରୁ ଅଧିକ ବୟସ୍କ ନାଗରିକଙ୍କୁ ଏହି ଯୋଜନା ଅଧୀନରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ପ୍ରଦାନର ବ୍ୟବସ୍ଥା ରହିଛି । ଏଥିରେ ପ୍ରାୟ ୬ କୋଟି ବୟସ୍କ ନାଗରିକ ସାମିଲ ହେବେ । ଏହି ଯୋଜନାରେ ୧୩ ହଜାର ୧୭୩ଟି ଘରୋଇ ଡାକ୍ତରଖାନାକୁ ମିଶାଇ ୨୯ ହଜାର ୮୭୦ଟି ହସ୍ପିଟାଲକୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

# ଟେକ୍ସଟାଇଲ୍-ମାର୍ଘେରିଟା

ବୟନ ଶିଳ୍ପ କ୍ଷେତ୍ରରେ ମହିଳାଙ୍କର ଅଂଶଗ୍ରହଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ବୋଲି ବୟନ ଶିଳ୍ପରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା କହିଛନ୍ତି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଇତିମଧ୍ୟରେ ୩ ଲକ୍ଷ ୬୦ ହଜାରରୁ ଅଧିକ ମହିଳା ହିତାଧିକାରୀଙ୍କୁ ସମର୍ଥ ଯୋଜନା ଅଧୀନରେ ତାଲିମ ପ୍ରଦାନ କରାଯାଇଛି । ବୟନ ଶିଳ୍ପ କ୍ଷେତ୍ରରେ ରୋଜଗାର ଏବଂ ଉନ୍ନତି ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି । ସେ କହିଛନ୍ତି ଏହି କ୍ଷେତ୍ରରେ ମୋଟ୍ ହିତାଧିକାରୀଙ୍କ ମଧ୍ୟରୁ ୮୮ ପ୍ରତିଶତ ହେଉଛନ୍ତି ମହିଳା । କୃଷି ପରେ ବୟନଶିଳ୍ପ କ୍ଷେତ୍ର ହେଉଛି ଦେଶର ଦ୍ୱିତୀୟ ବୃହତ୍ତମ ନିଯୁକ୍ତି କ୍ଷେତ୍ର । ପାଖାପାଖି ସାଢ଼େ ୪ କୋଟି ଲୋକ ବୟନ ଶିଳ୍ପ କ୍ଷେତ୍ରରେ ନିଯୁକ୍ତ ହୋଇଛନ୍ତି । ଆସନ୍ତା ୨୦୩୦ ସୁଦ୍ଧା ଏହାକୁ ୧୦ କୋଟିକୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ୨ ଲକ୍ଷ କୋଟି ଟଙ୍କାର ଆର୍ଥିକ ବ୍ୟୟ ବରାଦ ସହିତ ନିକଟରେ କାର୍ଯ୍ୟକାରୀ ହୋଇଥିବା ପି.ଏମ୍. ଇଣ୍ଟର୍ଣ୍ଣସିପ୍ ଯୋଜନାର ସୁଯୋଗ ନେବାକୁ ମନ୍ତ୍ରୀ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି ।

## ଗମେଣ୍ଟ-ଏଡିବି

ଦେଶରେ ଉଦ୍ୟାନ କୃଷି ସହ ଜଡ଼ିତ କୃଷକଙ୍କୁ ରୋଗମୁକ୍ତ ଚାରା ରୋପଣ ସାମଗ୍ରୀ ଉପଲବ୍ଧ କରାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏବଂ ଏସୀୟ ଉନ୍ନୟନ ବ୍ୟାଙ୍କ ମଧ୍ୟରେ ୯୮ ନିୟୁତ ଆମେରିକୀୟ ଡଲାରର ଋଣ ରାଜିନାମା ସ୍ୱାକ୍ଷରିତ ହୋଇଛି । ଭାରତର ଅର୍ଥନୈତିକ ବ୍ୟାପାର ଯୁଗ୍ମ ସଚିବ ଜୁହୀ ମୁଖାର୍ଜୀ ଏବଂ ବ୍ୟାଙ୍କର ଭାରତୀୟ ରେସିଡେଣ୍ଟ ମିଶନର ଭାରପ୍ରାପ୍ତ ଅଧିକାରୀ କାଲୀ ଓ୍ୱେଇ ୟୋ ଏହି ରାଜିନାମାରେ ସ୍ୱାକ୍ଷର କରିଛନ୍ତି । ଯୁଗ୍ମ ସଚିବ ଶ୍ରୀମତୀ ମୁଖାର୍ଜୀ କହିଛନ୍ତି ଏହି ପାଣ୍ଠି ଉଦ୍ଭିଦ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ସହ ଉତ୍ପାଦକତା ବୃଦ୍ଧି ଦିଗରେ ଉନ୍ନତି ଆଣିପାରିବ । ଏହାଦ୍ୱାରା ଫସଲ ଅମଳ, ଗୁଣବତ୍ତା ବଜାୟ ଏବଂ ଜଳବାୟୁ ପ୍ରଭାବର ମୁକାବିଲା ଦିଗରେ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ।

## ସାଇକ୍ଲୋନ୍

ସାମୁଦ୍ରିକ ଝଡ଼ 'ପେଞ୍ଜାଲ୍' ଆଜି ଅପରାହ୍ନରେ ପୁଡୁଚେରୀ ନିକଟସ୍ଥ କରେଇକାଲ୍ ଏବଂ ମହାବଳୀପୁରମ୍ ମଧ୍ୟରେ ସ୍ଥଳଭାଗ ସ୍ପର୍ଶ କରିବ । ଏହି ସମୟରେ ଘଣ୍ଟା ପ୍ରତି ୯୦କିଲୋମିଟର ବେଗରେ ପବନ ବହିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ବଙ୍ଗୋପସାଗରର ନାଗାପଟିନମ୍‌ର ପୂର୍ବକୁ ୨୩୦ କିଲୋମିଟର ଦୂରେ ଏବଂ ଚେନ୍ନାଇର

ଦକ୍ଷିଣ ପୂର୍ବ ଦିଗରେ ୨୧୦ କିଲୋମିଟର ଦୂରରେ ଗତ ମଧ୍ୟରାତ୍ରିରେ ଏହି ଝଡ଼ କେନ୍ଦ୍ରୀଭୂତ ହୋଇଥିଲା ।

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଗତକାଲି ସାମୁଦ୍ରିକ ଝଡ଼ରେ ପରିଣତ ହୋଇଛି । ଏହି ଝଡ଼ର ପ୍ରଭାବରେ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପ୍ରବଳ ବର୍ଷା ସହ ପବନ ବହିବାର ସମ୍ଭାବନା ରହିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଡୁଚେରୀ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଆମ ପ୍ରତିନିଧିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ବିପର୍ଯ୍ୟୟ ପରିଚାଳନା ମୁକାବିଲା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ତଳିଆ ତଥା ପ୍ରଭାବିତ ହେବାକୁ ଥିବା ଅଞ୍ଚଳଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ଦୃଷ୍ଟି ରଖାଯାଇଛି । ସମ୍ଭାବ୍ୟ ପରିସ୍ଥିତି ନେଇ ଜନସଚେତନତା ବୃଦ୍ଧି କରାଯିବା ସହ ଆବଶ୍ୟକତା ନଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି । ପ୍ରଭାବିତ ହେବାକୁ ଥିବା ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ଦିଆଯାଇଛି ।

ଏହି ସମୟ ମଧ୍ୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।

ଅନ୍ୟପକ୍ଷରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଯୋଗଦେବା କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି ।

## ଇସ୍ରାଏଲ୍-ଲେବାନନ

ଯୁଦ୍ଧ ଯୋଗୁଁ ଲେବାନନ୍ ଦକ୍ଷିଣାଞ୍ଚଳର ୬୦ଟି ଗ୍ରାମର ଅଧିବାସୀଙ୍କୁ ନିଜ ଗ୍ରାମକୁ ନ ଫେରିବାକୁ ଇସ୍ରାଏଲ୍ ସେନା ସତର୍କ କରାଇ ଦେଇଛି । ହିଜିବୁଲ୍ଲା ସହ ଏକବର୍ଷରୁ ଅଧିକ ସମୟ ଧରି ସଂଘର୍ଷପରେ ୩ ଦିନର ଅସ୍ତ୍ରବିରତି ପରିପ୍ରେକ୍ଷୀରେ ଇସ୍ରାଏଲ୍ ସେନା ପକ୍ଷରୁ ଏହି ସତର୍କ ସୂଚନା ଦିଆଯାଇଛି । ଇସ୍ରାଏଲ୍ ସେନା କହିଛି, ସତର୍କ ସୂଚନା ଉଲ୍ଲଂଘନ କଲେ ଗ୍ରାମବାସୀ ବିପଦରେ ପଡ଼ିପାରନ୍ତି । ଗତ ବୁଧବାର ସକାଳୁ ଏହି ଯୁଦ୍ଧବିରତି କାର୍ଯ୍ୟକାରି ହୋଇଛି । ତେବେ ଉଭୟପକ୍ଷ ଏହାର ଉଲ୍ଲଂଘନ ନେଇ ପରସ୍ପର ବିରୋଧରେ ଅଭିଯୋଗ ଆଣିଛନ୍ତି । ଇସ୍ରାଏଲ୍ ସେନା କହିଛି ଦକ୍ଷିଣ ଲେବାନନକୁ ଲକ୍ଷ୍ୟ କରି ସେନା ପକ୍ଷରୁ ଗୁଳି ଚାଳନା ସହ ଆକାଶମାର୍ଗରୁ ଆକ୍ରମଣ କରାଯାଇଛି । ହିଜିବୁଲ୍ଲା ଅସ୍ତ୍ରଶସ୍ତ୍ର କାରଖାନା ଏବଂ ସନ୍ଦିଗ୍ଧ ଅଞ୍ଚଳରେ ଯାନବାହାନ ଚଳାଚଳକୁ ଲକ୍ଷ୍ୟକରି ଗୁଳି ଚାଳନା କରାଯାଇଥିବା ଲେବାନନ ସେନା ସ୍ପଷ୍ଟ କରିଛି ।

## ଆଇସିସି ଚମ୍ପିୟାନ୍ସ ଟ୍ରଫି

ଚମ୍ପିୟାନ୍ସ ଟ୍ରଫି-୨୦୨୫ ସଂସ୍କରଣର ଆୟୋଜନ ନେଇ ଆନ୍ତର୍ଜାତିକ କ୍ରିକେଟ ପରିଷଦ-ଆଇସିସି ବୋର୍ଡ ସଦସ୍ୟଙ୍କର ଗତକାଲି ଏକ ବୈଠକ ଅନୁଷ୍ଠିତ ହୋଇଛି । ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ପାକିସ୍ତାନ ଗସ୍ତ ନ କରିବା ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡର ଦୃଢ଼ ଆଭିମୁଖ୍ୟ ସଂପର୍କରେ ଆଲୋଚନା ହୋଇଛି । ବିସିସିଆଇ ଏକ ନିରପେକ୍ଷ ସ୍ଥାନରେ ଭାରତ ସହ ମ୍ୟାଚ୍ ଆୟୋଜନ ନେଇ ପ୍ରସ୍ତାବ ରଖିଛି । ତେବେ ଏଭଳି ପ୍ରସ୍ତାବକୁ ପାକିସ୍ତାନ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ବିରୋଧ କରିଛି । ଏ ନେଇ ଆଇସିସି ବୋର୍ଡର ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି । ବିସିସିଆଇର ଉପାଧ୍ୟକ୍ଷ ରାଜୀବ ଶୁକ୍ଲା କହିଛନ୍ତି ଭାରତୀୟ ଖେଳାଳିଙ୍କର ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଆସନ୍ତାବର୍ଷ ଫେବୃୟାରୀ-ମାର୍ଚ୍ଚ ମାସରେ ୫୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

## ବ୍ୟାଡମିଣ୍ଟନ

ଲକ୍ଷ୍ନୌରେ ଚାଲିଥିବା ସୟଦ ମୋଦୀ ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଆଜି ଆରମ୍ଭ ହେବ । ମହିଳା ଏକକ ବର୍ଗରେ ପି.ଭି. ସିନ୍ଧୁ ଏବଂ ଉନ୍ନତୀ ହୁଡ୍ଡା ପରସ୍ପରକୁ

ଭେଟିବେ । ପୁରୁଷ ଏକକ ବର୍ଗରେ ଭାରତର ଲକ୍ଷ୍ୟ ସେନ୍’ ଜାପାନର ସୋଗୋ ଓଗାଓ୍ୱାଙ୍କ ମଧ୍ୟରେ ମୁକାବିଲା ହେବ । ସେହିଭଳି ପ୍ରିୟାଂଶୁ ରାଜବତ୍ ସିଙ୍ଗାପୁରର ଜିଆ ହେଙ୍ଗ୍ ଜେସନ୍ ତେହଙ୍କୁ ସେମିଫାଇନାଲ୍ ପର୍ଯ୍ୟାୟରେ ଭେଟିବେ । ମହିଳା ଡବଲ୍‌ସରେ ତ୍ରିଶା ଜଲୀ ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ଓ ଅଶ୍ୱିନୀ ପୁନାପ୍ପା ଓ ତନିଶା କ୍ରେଷ୍ଟୋଙ୍କ ଯୋଡ଼ି ଶେଷ ୪ଟି ଦଳ ମଧ୍ୟରେ ସ୍ଥାନ ପାଇଛନ୍ତି ।

## ଅଣ୍ଡର-୧୯ ଏସିଆ କପ୍ କ୍ରିକେଟ୍

୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଦୁବାଇ ଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଗ୍ରୁପ୍-ଏ ର ଏହି ପ୍ରଥମ ମ୍ୟାଚ୍ ଭାରତୀୟ ସମୟ ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହେବ । ମହମ୍ମଦ ଅମାନ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଛି ।

ଅନ୍ୟ ଏକ ମ୍ୟାଚ୍‌ରେ ୟୁନାଇଟେଡ୍ ଆରବ ଏମିରଟ୍ସ ଜାପାନକୁ ଭେଟିବ । ଗ୍ରୁପ୍-ଏ ରେ ଭାରତ ଓ ପାକିସ୍ତାନକୁ ମିଶାଇ ୟୁନାଇଟେଡ୍ ଆରବ ଏମିରେଟ୍‌ସ ଏବଂ ଜାପାନ ରହିଥିବା ବେଳେ ଗ୍ରୁପ୍-ବି ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଏବଂ ନେପାଳ ସ୍ଥାନୀତ ହୋଇଛନ୍ତି ।

# ଗୌହାଟୀ-ପାରାଅଲିମ୍ପିକ୍

ଗୌହାଟୀରେ ଅନୁଷ୍ଠିତ ଉତ୍ତର ପୂର୍ବ ପାରାଅଲିମ୍ପିକ୍ କ୍ରୀଡ଼ାରେ ତ୍ରିପୁରା ଦଳ ୯ଟି ସ୍ୱର୍ଣ୍ଣ ସହ ୨୩ଟି ପଦକ ଜିତିଛି । ଆଥଲେଟିକ୍ସରେ ଦୃଷ୍ଟିହୀନ ଖେଳାଳି ମହମ୍ମଦ ଅମଜାଦ୍ ହୁସେନ ଏକାକୀ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସୁଶାନ୍ତ ନାମା ତିନୋଟି ରୌପ୍ୟ ଓ ଗୋଟିଏ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।  କ୍ରୀଡ଼ାବିତ୍ ନୟନଚନ୍ଦ୍ର ରାୟ ବ୍ରୋଞ୍ଜ ପଦକ ଜିତିଛନ୍ତି ।